# ଏପିସୋଡ ୩୨

## ବଞ୍ଚିବାର ରାସ୍ତା

ମୂଳ ଲେଖା: ମାନସ ପ୍ରତିମ ଦାସ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ରାସ୍ତାର ଦୃଶ୍ୟ, ଗାଡ଼ିମଟର ଶବ୍ଦ। ସହରର ଭିଡ଼ ବଜାର ଅଞ୍ଚଳ। ପରିବହନ ବିଭାଗର ଗୋଟିଏ ବସ୍ ହଠାତ ବ୍ରେକ ଲଗାଇ ଅଟକି ଯାଉଛି। ଯାତ୍ରୀମାନେ ଚିତ୍କାର କରୁଛନ୍ତି)

ଯାତ୍ରୀ ୧: ଆରେ କଣ୍ଡକ୍ଟର ବାବୁ ଏ କ'ଣ ହେଉଛି? ବସ୍ କୁ ଅନ୍ୟ ରାସ୍ତା ଆଡ଼କୁ କାହିଁକି ବୁଲଉଛ? ମୁଁ ଡାକ୍ତରଖାନା କେମିତି ଯିବି?

ଯାତ୍ରୀ ୨: ଏ ସବୁ କ'ଣ ହେଉଛି? ସ୍କୁଲ ଛୁଟି ହେବା ସମୟ ହୋଇଗଲାଣି, ମୋ ଝିଅ ଅପେକ୍ଷା କରିଥିବ, ତାକୁ ଘରକୁ ନେବି। ତମେ ଏମିତି ବସ୍‌ର ରୁଟ୍ କେମିତି ବଦଳେଇ ଦେଉଛ।

ଯାତ୍ରୀ ୩: ଡ୍ରାଇଭର, ତମେ କ'ଣ ବୁଝିପାରୁନ? ଆମକୁ ଆଗରୁ କହିବାର ଥିଲା। ଅଫିସ ଯିବା ପାଇଁ ଆମର ଡେରି ହୋଇଯିବ। କାହାକୁ କିଛି କେମିତି ଲାଗୁନି!

(ଯାତ୍ରୀମାନଙ୍କ ଚିତ୍କାର, ଆମ ପଇସା ଫେରାଅ, ତମେ ତମ ଇଚ୍ଛା ଏମିତି ବସ୍ ଅଟକେଇ ଦେଉଛ। କଣ୍ଡକ୍ଟର ସମସ୍ତଙ୍କୁ ଚୁପ ହେବା ପାଇଁ କହୁଛି।

କଣ୍ଡକ୍ଟର: ବିନା କାରଣରେ ଆପଣମାନେ ମତେ ଦୋଷ ଦେଉଛନ୍ତି। ସାମନାରେ ଦେଖନ୍ତୁ, ବୁଝିପାରିବେ ଏମିତି କାହିଁକି ହେଲା।

ଯାତ୍ରୀ ୧: କ'ଣ ହେଇଛି? ଆଉ ବାହାନା କରନାହିଁ।

କଣ୍ଡକ୍ଟର: ମୁଁ ମିଛ କହୁନାହିଁ। ଝରକା ବାଟେ ବାହାରକୁ ଦେଖନ୍ତୁ, ସବୁ ବୁଝିପାରିବେ।

ଯାତ୍ରୀ ୨: ମତେ ତ କିଛି ଦେଖାଯାଉନାହିଁ। ଓହୋ ଆଚ୍ଛା ଆଚ୍ଛା ସେପଟେ! କିଛି ହେଲା ଭଳି ଲାଗୁଛି।

ଯାତ୍ରୀ ୩: କୋଉଠି? ମତେ ବି ଟିକେ ଦେଖିବାକୁ ଦିଅ। କିଛି ତ ହେଇଛି ନିଶ୍ଚୟ ନହେଲେ ଏତେ ଭିଡ଼ କାହିଁକି। ପୁଲିସ ଚାରିପଟୁ ଲୋକଙ୍କୁ ହଟେଇ ନଉଛି। କଣ୍ଡକ୍ଟର, କ'ଣ ହେଇଛି କିଛି ଜଣା ପଡ଼ିଲା?

କଣ୍ଡକ୍ଟର: ଏବେ ମତେ ପଚାରୁଛନ୍ତି। ପାଖରେ କୋଉ ଫ୍ୟାକ୍ଟ୍ରିରୁ ବାଷ୍ପ ଲିକ୍ ହୋଇଛି। ଏବେ ଏବେ ମୋ ଫୋନରେ କେହି ଜଣେ ଖବର ଦେଇଛି।

ଯାତ୍ରୀ ୩: କାହାଠାରୁ ସୂଚନା ମିଳିଛି?

କଣ୍ଡକ୍ଟର: ସେଠି ଦେଖନ୍ତୁ। ସେ ମିଠା ଦୋକାନୀକୁ ମୁଁ ଜାଣିଛି। ସେ ଜାଣିଛି ଯେ ଆମ ବସ୍ ପ୍ରତିଦିନ ଏତିକିବେଳେ ଏହି ରାସ୍ତା ଦେଇ ଯାଏ।

(ସବୁ ଯାତ୍ରୀ ଚୁପଚାପ, ବକୁଲ, ଜଣେ ହାୟର ସେକେଣ୍ଡାରୀ ଛାତ୍ର ତା ସାଙ୍ଗ ସଞ୍ଜୀୟ ସହ କଥା ହେଉଛି।

ବକୁଲ:କଣ୍ଡକ୍ଟର ଜଣାପଡ଼ିଲା କି କୋଉ ବାଷ୍ପ?

ସଞ୍ଜୟ: କିନ୍ତୁ ସେ କୌଣସି ବାଷ୍ପର ନାଁ ତ କହିନି।

ବକୁଳ:ମୁଁ ଜାଣିଗଲିଣି। ତମେ ତ ରସାୟନ ବିଜ୍ଞାନର ଛାତ୍ର, କିଛି ତ ତମ ମନରେ ଆସିଥିବ।

ସଞ୍ଜୟ: ଠିକ କହିଛ। ବଡ଼ କଡ଼ା ଗନ୍ଧ ଆସୁଛି।

ବକୁଳ:ହଁ ବନ୍ଧୁ, ଏ ହେଉଛି ଆମୋନିଆ ବାଷ୍ପ।

ସଞ୍ଜୟ: ମନେହେଉଛି କୌଣସି କାରଖାନାରୁ ଆମୋନିଆ ବାଷ୍ପ ଲିକ୍ ହୋଇଛି। ଜଲ୍‌ଦି ଏହାକୁ ନିୟନ୍ତ୍ରଣ ନ କଲେ ଅଧିକ ମାଡ଼ିଯିବ ଆଉ ବିପଦଜନକ ହୋଇଯିବ।

ବକୁଳ:ହଁ, ଏହା କୌଣସି ବଡ଼ ଦୁର୍ଘଟଣାର ରୂପ ନେଇପାରେ। ଆରମ୍ଭରେ ଏଥିରେ ଆଖି ପୋଡ଼େ, ତା ପରେ ଗଳା ଆଉ ନାକରେ କଷ୍ଟ ହେବା ଆରମ୍ଭ କରେ। ଯଦି ଏହି ପ୍ରଭାବ ଲାଗିରହେ ତ ବହୁତ ବଡ଼ ଦୁର୍ଘଟଣା ହୋଇପାରେ। ଲୋକଙ୍କୁ ଡାକ୍ତରଖାନା ନେବାକୁ ପଡ଼ିପାରେ।

ସଞ୍ଜୟ: ଆରେ ତମେ ତ ଡରଉଛ। ଏଇଟା କିଛି ବଡ଼ କଥା ନୁହେଁ। ଶୀଘ୍ର ହିଁ ବାଷ୍ପ ଲିକ୍ ହେବାକୁ ବନ୍ଦ କରିଦିଆଯିବ ଏବଂ ସ୍ଥିତି ନିୟନ୍ତ୍ରଣକୁ ଆସିଯିବ।

ବକୁଳ:ଆଶାବାଦୀ ହେବା ଠିକ କଥା। କିନ୍ତୁ ସବୁବେଳେ ଠିକ ରହିବ ସେମିତି ବି ତ ନୁହେଁ।

ସଞ୍ଜୟ: କ'ଣ କହିବାକୁ ଚାହୁଁଛ ମୁଁ ଜାଣିପାରୁନାହିଁ।

ବକୁଳ:କହିବାର କଥା ହେଉଛି ଲୋକଙ୍କର ମନେରଖିବା ଶକ୍ତି ବହୁତ କମ୍।

ଗତବର୍ଷ ଏହିଭଳି ଘଟଣା ଏଠି ଘଟିଥିଲା। ଆଉ ଜାଣିଛ. ଛଅଘଣ୍ଟା ଧରି ଏହାକୁ ନିୟନ୍ତ୍ରଣ କରିହେଇ ନ ଥିଲା।

ସଞ୍ଜୟ: ମନେପଡ଼ିଲା। ସେ ଜାଗା ଏଠୁ ଗୋଟେ କିଲୋମିଟର ଦୂର। ପରଦିନ ସବୁ ଖବରକାଗଜରେ ଏହା ମୁଖ୍ୟ ସମ୍ବାଦ ଥିଲା।

ବକୁଲ:ଏବେ କୁହ। ଆମେ ସେ ଘଟଣାରୁ କ 'ଣ ଶିଖିଲେ? କିଛି ନାହିଁ। କାରଖାନାକୁ ଜନଗହଳି ଜାଗାରୁ ଉଠେଇ ଦୂର ଜାଗାକୁ କାହିଁକି ନିଆଯାଉନାହିଁ? ମୋ ପାଖରେ କ୍ଷମତା ଥିଲେ ତ ମୁଁ ସାଙ୍ଗେ ସାଙ୍ଗେ ଏହାକୁ ବନ୍ଦ କରିଦିଅନ୍ତି।

କଣ୍ଡକ୍ଟର: ବାବୁ, ବହୁତ ଲୋକଙ୍କର ଜୀବନଜୀବିକା ଏଥିରୁ ଚାଲେ। ଏହାକୁ ବନ୍ଦ କରିବା କଥା ଆପଣ କେମିତି କହୁଛନ୍ତି। ଲୋକମାନେ ଭୋକରେ ମରିଯିବେ।

ସଞ୍ଜୟ: ବକୁଲ, ଚାଲ ଆମେ ଏଇଠି ଓହ୍ଲେଇ ପଡ଼ିବା ଆଉ ରିକ୍ସାରେ କଲେଜ ଚାଲିଯିବା।

ବକୁଲ:ହଁ ଠିକ ହେବ।

ଦୁହେଁ ବସ୍‌ରୁ ଓହ୍ଲେଇ କଲେଜ ଯାଉଛନ୍ତି। କଲେଜର ମୁଖ୍ୟ ଫାଟକ ପାଖରେ ପିଲାମାନଙ୍କ କଥା ଜୋର ଶୁଣାଯାଉଛି। ସେମାନେ ସେଇଠି ଅଟକି ଘଟଣା ଜାଣିବା ପାଇଁ ଚାହୁଁଛନ୍ତି)

ବକୁଲ:ମନେହେଉଛି ଏଠି ବି କିଛି ହୋଇଛି। ଯେଉଁମାନେ ଏଠି ରହିବା କଥା ନୁହେଁ, ସେମାନେ ବି ଏଠି ଦେଖାଯାଉଛନ୍ତି । ହରତାଳ ତା ପୁଣି

ଅଘୋଷିତ...

ଲଞ୍ଜୟ: ରୁହ, ମୁଁ ଦେଖେ କ'ଣ ହୋଇଛି। ଦେଖ, ସେଠି ଗେଟ ପାଖରେ ଅଙ୍କିତ ଠିଆ ହୋଇଛି। ଆରେ ଅଙ୍କତ, ଶୁଣୁଛ। ଅଙ୍କିତ ବି ରାଗିଯାଇଛି। ନିଶ୍ଚୟ କିଛି ଗଣ୍ଡଗୋଳ ହୋଇଛି।

(ଅଙ୍କିତ ଦୌଡ଼ି ଆସୁଛି, ଜୋର ନିଶ୍ୱାସ ନେଉଛି)

ସଞ୍ଜୟ: କ'ଣ ହେଇଛି? ସମସ୍ତେ ଗେଟ ପାଖରେ କାହିଁକି ଜମିଛନ୍ତି? କ୍ଲାସ ହେଉନାହିଁ।

ଅଙ୍କିତ: ବହୁତ ବଡ଼ ଗଣ୍ଡଗୋଳ ହୋଇଛି। ବଡ଼ ସ୍କାମ୍...

ବକୁଲ:କୋଉ ସ୍କାମ୍... କ'ଣ ହେଲା କି?

ଅଙ୍କିତ: ରସାୟନ ଶାସ୍ତ୍ରର ପ୍ରଥମ ବର୍ଷର ପ୍ରଶ୍ନପତ୍ର ଲିକ୍ ହୋଇଯାଇଛି।

ବକୁଲ:ତମେ କେମିତି ଜାଣିଲ?

ଅଙ୍କିତ: ଆଜି ସକାଳୁ ମୋ ସାଙ୍ଗ ସୁବୁକୁ ଗୋଟିଏ ଫୋନ ଆସିଥିଲା। ଫୋନ କରିବା ବାଲା ଭାବିଥିଲେ ଯେ ସେ ପ୍ରଥମ ବର୍ଷର ଛାତ୍ର। ସେ ଦୁଇହଜାର ଟଙ୍କା ନେଇ ପୂରା ପ୍ରଶ୍ନପତ୍ର କହିଦେବ ବୋଲି କହିଲା।

ସଞ୍ଜୟ: ମାତ୍ର ଏତିକି ଟଙ୍କାରେ ? ଆଜିକାଲି ତ ଲୋକଙ୍କ ପାଖରେ ପଇସାର ଅଭାବ ନାହିଁ।

ବକୁଲ:ସଞ୍ଜୟ, ଏମିତି କଥା ବନ୍ଦ କର। ଆଚ୍ଛା ସେଇଠୁ କ'ଣ ହେଲା? ସୁବୁ...

ଅଙ୍କିତ: ଫୋନରୁ ସୁବୁକୁ ଆହୁରି ଜାଣିବାକୁ ଇଚ୍ଛା ହେଲା। ସେ ତାକୁ ଭେଟିବା ପାଇଁ ଜୁବୁଲି ହଲ୍ ପାଖକୁ ଡାକିଲା।

ବକୁଲ:ତମେ କହୁଛ ଯେ ସୁବୁ ତାକୁ ପଇସା ଦେଲା।

ଅଙ୍କିତ: ହଁ ସେ ତାକୁ ପଇସା ଦେଲା ଆଉ ସେ ତାକୁ ଏହାକୁ ଷ୍ଟିଙ୍ଗ ଅପରେସନ୍ ଭଳି ବ୍ୟବହାର କଲା। କଥାବାର୍ତ୍ତା ରେକର୍ଡ କରିବା ପାଇଁ ସେ ତା ମୋବାଇଲକୁ ସବୁ ସମୟ ପାଇଁ ଅନ୍ କରି ରେକର୍ଡିଂ ମୋଡ୍‌ରେ ରଖିଲା। ସବୁ ଘଟଣା ତା ମୋବାଇଲରେ ରେକର୍ଡ ହେଲା।

ବକୁଲ:ଜଣାପଡ଼ିଲା, ଏସବୁ ପଛରେ କିଏ ଅଛି?

ଅଙ୍କିତ: ଜଣାଯାଉଛି କମ୍ପ୍ୟୁଟର କକ୍ଷରୁ କିଏ ହୋଇଥିବ। ତାକୁ ଧରିବା ପାଇଁ ଚେଷ୍ଟା ଚାଲିଛି।

ସଞ୍ଜୟ: ଆଜି ଦିନ ବି ବଡ଼ ଅଜିବ। ପ୍ରଥମେ ଆମୋନିଆ ବାଷ୍ପ ଲିକ୍, ତା ପରେ ଏଠି ପ୍ରଶ୍ନପତ୍ର ଲିକ୍।

ବକୁଲ:ଏବେ କ'ଣ କରିବା ସଞ୍ଜୟ? ଘରକୁ ଯିବା ନା ଆଉ କିଛି କାମ ଅଛି?

ସଞ୍ଜୟ: ପ୍ରଥମେ ଗୋଟିଏ କପ୍ କଫି ପିଇବା। ମୁଣ୍ଡ ଫ୍ରେଶ ହେଲେ ଆଉ କିଛି ଚିନ୍ତା କରିବା...

ବକୁଲ:ଆରେ ବାଃ ବନି ମଉସା ଦୋକାନ ଜିନ୍ଦାବାଦ।

ସଞ୍ଜୟ: ଠିକ କହିଛ।

(ଦୁହେଁ ରାସ୍ତା କଡ଼ରେ ଚାଲି ଚାଲି ବନି ମଉସା ଦୋକାନରେ ପହଞ୍ଚିଛନ୍ତି)

ସଞ୍ଜୟ: ବନି ମଉସା କେମିତି ଅଛ? ଦୁଇଟା ଲେମ୍ବୁବାଲା ଚା ଦିଅ।

ବନି: ବସ ବାବୁମାନେ। ଆଜି ଏକା ଅଛି। ଟିକିଏ ସମୟ ଲାଗିବ।

ବକୁଲ:ଆଜି ଛୋଟୁ ଦେଖାଯାଉନି। କୁଆଡ଼େ ଗଲା?

ବନି: ଛୋଟୁ ଏବେ ଏବେ ଗଲା। ତା ବାପାଙ୍କୁ ଦେଖିବାକୁ।

ସଞ୍ଜୟ: ବାପାଙ୍କୁ ଦେଖିବାକୁ? କ'ଣ ହେଲା କି?

ବନି: ବକ୍ସି ବଜାର ପାଖରେ କିଛି ଦୁର୍ଘଟଣା ହୋଇଛି । କୋଉ ଫ୍ୟାକ୍ଟରିରୁ ବାଷ୍ପ ଲିକ୍ ହୋଇଛି। ଛୋଟୁର ବାପା ସେଠି କାମ କରୁଥିଲେ। ସେ ଫ୍ୟାକ୍ଟରୀରେ ସେ ରହୁ ବି ଥିଲା। କିଛି ସମୟ ଆଗରୁ ଗୋଟେ ଫୋନ ଆସିଥିଲା। କହୁଥିଲା ଛୋଟୁର ବାପାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସଞ୍ଜୟ: ଆରେ ବକୁଲ , ଯୋଉ ଦୁର୍ଘଟଣା ଯୋଗୁ ଆମ ବସ୍ ଅଟକି ଯାଇଥିଲା।

ବକୁଲ:ହଁ। ମନେହେଉଛି କିଛି ଗୁରୁତର ହୋଇଛି। ଛୋଟୁର ବାପା ବୋଧେ ବାଷ୍ପ ଭଣ୍ଡାରର ଆଖପାଖରେ କୋଉଠି ଥିଲେ। ସେଥିପାଇଁ ତାଙ୍କ ଉପରେ ପ୍ରଭାବ ଅଧିକ ପଡ଼ିଛି।

ସଞ୍ଜୟ: କଥା ବେଶ୍ ଗୁରୁତର ଲାଗୁଛି । ଫୋନ କଲାବାଲା ଆଉ କିଛି କହୁଥିଲା କି?

ବକୁଲ:କିଛି ବି କହି ନ ଥିବ। ସମସ୍ତେ ବ୍ୟସ୍ତରେ ଥିବେ। ସେମାନଙ୍କୁ ପୀଡ଼ିତଙ୍କ ଘରକୁ ଖବର ଦେବା ଦାୟିତ୍ୱ ଦିଆଯାଇଥିବ।

ସଞ୍ଜୟ: ତା ମାନେ କିଛି ବଡ଼ ଦୁର୍ଘଟଣା ଘଟିଛି।

ବକୁଲ:ମୁଁ ବାରମ୍ବାର କହୁଛି ଏଭଳି କାରଖାନାକୁ ବନ୍ଦ କରିଦେବା ଉଚିତ । ଲୋକମାନେ ନିଜ ଜୀବନକୁ ବିପଦରେ ପକେଇ ଜୀବିକା ପାଇଁ ଆସୁଛନ୍ତି।

(ଜଣେ ବୟସ୍କ ଲୋକ ଏମାନଙ୍କ ଆଲୋଚନାରେ ଭାଗ ନେଉଛନ୍ତି)

ଫାରୁକ: ଆମୋନିଆ ବାଷ୍ପର ଚାହିଦା ବହୁତ ବଢ଼ିଗଲାଣି। ତା ବି ୟୁରିଆ କାରଖାନାରେ। ଏସବୁ ଶିଳ୍ପ ଏଭଳି ଫ୍ୟାକ୍ଟରୀକୁ ବନ୍ଦ ହେବାକୁ ଦେବେନାହିଁ। ସେମାନଙ୍କ ପାଖରେ ନିୟମକୁ ଫାଙ୍କିବା ପାଇଁ ଅନେକ ବାଟ ରହିଛି।

ବନି: ଫାରୁକ ମଉସା, ଆଉ କପେ ଚା ନିଅନ୍ତୁ।

ଫାରୁକ: ହଁ ଇଚ୍ଛା ତ ହେଉଛି। କିନ୍ତୁ ଟିକେ କଡ଼ା କରିବ। ଆଜି ତଣ୍ଟି ପଡ଼ିଯାଇଛି।

ବନି: ମୁଁ କହୁଥିଲି, ଚା ରେ ତଣ୍ଟି ଠିକ ହେବନାହିଁ। କୋଉ ଡାକ୍ତରକୁ କାହିଁକି ଦେଖାଉନାହାନ୍ତି।

ଫାରୁକ: ଆରେ ଭାଇ, ମୁଁ କହିଥିଲି ନା ମୋ ପାଖରେ ପଇସା ନାହିଁ।

ସଞ୍ଜୟ: ଆପଣଙ୍କ ଗଳାକୁ କ'ଣ ହୋଇଛି?

(ଫାରୁକ କାଶୁଛନ୍ତି, କିନ୍ତୁ କିଛି କହୁନାହାନ୍ତି)

ବନି: ସେ ଆପଣଙ୍କୁ କହିବେନି। ଫାରୁକ ଗୋଟିଏ ପ୍ଲାଇଉଡ୍ ତିଆରି କରିବା ବାଲା କାରଖାନାରେ କାମ କରନ୍ତି। ଦକ୍ଷିଣରେ ଏହା ଗୋଟିଏ ବହୁତ ବଡ଼ ଫ୍ୟାକ୍ଟରୀ। ଫାରୁକ ଭଳି ସେଠି କାମ କରୁଥିବା ଅଧିକାଂଶ ଲୋକ ସ୍ୱାସ୍ଥ୍ୟଗତ ରୋଗଗ୍ରସ୍ତ।

ଫାରୁକ: ବନି, ଏ କ'ଣ? ପୁଣି ଲୋକମାନଙ୍କୁ କହୁଛ? ମତେ ଭଲ ଲାଗୁନାହିଁ। (ପୁଣି କାଶୁଛନ୍ତି)

ବନି: ତମେ ଚୁପ ରୁହ। ମୁଁ କହୁଛି। ଫାରୁକ ଫ୍ୟାକ୍ଟରୀରେ ଉଡୁଥିବା ଧୂଳିର ଶିକାର। ସୁରକ୍ଷା ପାଇଁ ସେ ତାଙ୍କର ସବୁ ମଜଦୁର ଭାଇମାନଙ୍କୁ ସଚେତନ କରିବା ପାଇଁ ଚେଷ୍ଟା କଲେ। ସେଥିପାଇଁ ତାଙ୍କୁ ବାହାର କରିଦିଆଗଲା।

(ଫାରୁକ ଜୋରରେ କାଶୁଛନ୍ତି)

ସଞ୍ଜୟ: ବଡ଼ ଦୁର୍ଭାଗ୍ୟର କଥା।

ବନି: ଏଇ ନିଅନ୍ତୁ ଆପଣ ଦୁଇଜଣଙ୍କର ଲେମ୍ବୁବାଲା ଚା।

ବକୁଲ:(ଚା ପିଉ ପିଉ) ବଢ଼ିଆ ଚା। କିନ୍ତୁ ଫାରୁକ, ନାଇ ନାଇ ଦାଦା...

ଫାରୁକ: ମତେ ଫାରୁକ ହିଁ କୁହ। ମତେ ଭଲ ଲାଗେ। ଦେଖ। କୋଉଠି ବି କୌଣସି ଉଦ୍ୟୋଗ ସୁରକ୍ଷାର ମାପଦଣ୍ଡକୁ ପୂରା କରୁନାହାନ୍ତି। ଆଇନ ଭାଙ୍ଗିବା ପାଇଁ ସେମାନେ କିଛି ନା କିଛି ବାଟ ଖୋଜି ନେଉଛନ୍ତି।

ବନି: ଫାରୁକ ନିଜର ନୁହେଁ, ସମସ୍ତଙ୍କ କଥା କହୁଛନ୍ତି। ତମକୁ ସମସ୍ତଙ୍କର

ସାରା ଦୁନିଆର ଚିନ୍ତା ଲାଗିଛି। ଏଇ ନିଅ ତମ ଚା।

ଫାରୁକ: (ଚା ପିଉ ପିଉ) ଆପଣମାନେ କଲେଜ ପିଲା ଭଳି ଲାଗୁଛନ୍ତି। ସିଏଫସି ନାଁ ତ ଶୁଣିଥିବ।

ସଞ୍ଜୟ: ତା ମାନେ ତମେ କ୍ଲୋରୋଫ୍ଲୋରୋକାର୍ବନ କଥା କହୁଛ।

ଫାରୁକ: ଠିକ କହିଛ। ତା'ର ଉତ୍ପାଦନ ବନ୍ଦ କରିବା ପାଇଁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆଇନ ତିଆରି ହେଲା। କିନ୍ତୁ କିଏ ଏହାକୁ ମାନୁଛି?

ବକୁଲ:ଆପଣ ମଣ୍ଟ୍ରିଲ ଚୁକ୍ତି କଥା କହୁଛନ୍ତି। ଫାରୁକ, ତମେ ଏ ବିଷୟରେ ବି ଜାଣିଛ, ମତେ ବହୁତ ଖୁସି ଲାଗୁଛି।

ବନି: ମୁଁ ଠିକ କହୁଥିଲି। ତାକୁ ସାରା ବିଶ୍ୱର ଚିନ୍ତା। ପ୍ରତିଦିନ ସକାଳୁ ସକାଳୁ ସେ ମୋ ଚା ଦୋକାନକୁ ଆସିଯାଏ। ଆଉ ସବୁ ଖବରକାଗଜକୁ ମନ ଦେଇ ପଢ଼େ।

ସଞ୍ଜୟ: ଏହି ଚୁକ୍ତି ୧୯୮୭ ମସିହାରେ କରାଯାଇଥିଲା , ସେତେବେଳେ ସବୁ ଦେଶ ଏଥିରେ ହସ୍ତାକ୍ଷର କରିଥିଲେ।

ବକୁଲ:ସଞ୍ଜୟ ତମର ତ ମସିହା ମନେଅଛି। ହଁ ୧୯୮୭ ମସିହା ହିଁ ଥିଲା। ଆମକୁ କୁହାଯାଇଥିଲା ଯେ ଏହି ଚୁକ୍ତି ଅନୁସାରେ ସିଏଫସି ଉତ୍ପାଦନ ୨୦୧୦ ମସିହା ପରେ ସାରା ବିଶ୍ୱରେ ବନ୍ଦ କରିଦିଆଯିବ।

ଫାରୁକ: ସବୁ ଭୁଲ ସୂଚନା। ସପ୍ତାହେ ଆଗରୁ ହିଁ ମୁଁ ପଢ଼ିଛି ଯେ ଚୀନର ଦଶଟି ଅଞ୍ଚଳରେ ଏବେ ବି ସିଏଫସି ଅବୈଧ ଭାବରେ କାମରେ ଲଗାଯାଉଛି।

ସଞ୍ଜୟ: ଯଦି ଉତ୍ପାଦନ ବନ୍ଦ କରିଦିଆଯାଇଛି ତ କୋଉଠୁ ଆସୁଛି?

ଫାରୁକ: ମଙ୍ଗୋଲିଆରେ ବିନାନୁମତିରେ ଅନେକ ଫ୍ୟାକ୍ଟରି ଅଛି । ଏପରିକି ଚୀନରେ ବି ଏଭଳି ଫ୍ୟାକ୍ଟରି କାମ କରୁଛି। ଯଦି ଅନ୍ୟ ଦେଶମାନଙ୍କରେ ଅବସ୍ଥା ଏହିଭଳି ତେବେ ଆମ ଦେଶରେ ଅସୁରକ୍ଷିତ ଭାବରେ ଆମୋନିଆ ବାଷ୍ପ ଉତ୍ପାଦନ କେମିତି ଅଟକାଇଯାଇ ପାରିବ।

ବକୁଲ:ସିଏଫସି ବାଷ୍ପ, ମୁଁ ଜାଣିଛି ଅନେକ ଉଦ୍ୟୋଗରେ ଏବେ ବି ଏହା ବ୍ୟବହାର କରାଯାଉଛି।

ଫାରୁକ: ଚୀନରେ ସିଏଫସି -୧୧ ବ୍ୟବହାର କରି ଗଦି ତିଆରି କରାଯାଉଛି। ନିର୍ମାଣ ସଂସ୍ଥାମାନଙ୍କ ଦ୍ୱାରା ତାପରୋଧକ ଭାବରେ ଏହାର ଚାହିଦା ଅନେକ ଅଧିକ।

ବକୁଲ:ଆଶ୍ଚର୍ଯ୍ୟ!! ବିଭିନ୍ନ ଦେଶର ବଡ଼ ବଡ଼ ନେତାମାନେ ନେଇଥିବା ନିର୍ଣ୍ଣୟର ଲାଭ କ'ଣ? ଯେଉଁଠୁ ଆରମ୍ଭ କରିଥିଲେ ଏବେ ବି ସେଇଠି ହିଁ ଅଟକି ରହିଛେ।

ସଞ୍ଜୟ: ସିଏଫସି ପୃଥିବୀର ଓଜୋନ ସ୍ତର ପାଇଁ ବହୁତ କ୍ଷତିକାରକ। ଯଦି ଏହି ସ୍ତର ନଷ୍ଟ ହୋଇଯିବ ତେବେ ବିଷାକ୍ତ ଅତିବାଇଗଣୀ ରଶ୍ମି ସିଧାସଳଖ ପୃଥିବୀରେ ପହଞ୍ଚିବ।

ବନି: ଆଶା କରୁଛି ଛୋଟୁର ବାପା ଭଲ ଥାଆନ୍ତୁ। ଯଦି ତାକୁ ଡାକ୍ତରଖାନାରେ ରହିବାକୁ ପଡ଼ିବ ତେବେ ମୋର ବହୁତ ଅସୁବିଧା ହୋଇଯିବ।

ଫାରୁକ:  ଯଦି ଛୋଟୁ ଏଠି କାମ କରୁଛି, ତାହାଲେ ତମ ପାଇଁ ସମସ୍ୟା ଆସିପାରେ। ବାଳ ଶ୍ରମିକ ଅପରାଧରେ ତମକୁ ଜେଲ ହୋଇପାରେ।

ବନି: ଭଲକଥା କୁହ ଫାରୁକ। ଚା ପାଇଁ ମୁଁ ତମଠୁ କେବେ ବି ପଇସା ନେଇନି ଆଉ ତମେ ମୋର ହିଁ ଅନିଷ୍ଟ ଚିନ୍ତା କରୁଛ।

ଫାରୁକ:  କିନ୍ତୁ ଏହା ବାସ୍ତବତା। କ'ଣ ହେବ, ଯଦି କେବେ ପୋଲିସ ଆସିବ ଆଉ ଛୋଟୁକୁ ଦେଖି ତମକୁ ସାଙ୍ଗରେ ନେଇଯିବ।

ବକୁଳ:ସେ ଠିକ କହୁଛନ୍ତି। ବାଳ ଶ୍ରମିକ ରଖିବା ଏକ ଅପରାଧ। ଆମେ ଜାଣିଛୁ ଯେ ତମେ ବହୁତ ଦୟାଳୁ ଏବଂ ଛୋଟୁ ସହ ବହୁତ ଭଲ ବ୍ୟବହାର କର। କିନ୍ତୁ କାନୁନ ତ କାନୁନ। (ବନି ଉଦାସ ହୋଇଯାଉଛି, ତା ସ୍ୱର ଦବିଯାଉଛି)

ବନି: ଏସବୁ ତ ଠିକ ଅଛି। ଯଦି ମୁଁ ଛୋଟୁକୁ ଘରକୁ ପଠେଇ ଦେଉଛି ତାହେଲେ... ମତେ ଲାଗୁନି ସେ ମୋ ଦୋକାନ ଛାଡ଼ିପାରିବ। ଦୁର୍ଗାପୂଜା ପରେ ମୁଁ ତାକୁ ଗୋଟିଏ ସ୍କୁଲରେ ଭର୍ତ୍ତି କରିବା କଥା ଚିନ୍ତା କରୁଛି।

ସଞ୍ଜୟ:  ବନି ମଉସା, ଏ ତ ଠିକ କଥା। କିନ୍ତୁ ଆଇନକୁ ବି ତ ମାନିବାକୁ ହେବ।

ବକୁଳ:ସଞ୍ଜୟ, ଏବେ ଯିବା। ଧାରଣା ସରିଯିବଣି। ଯଦି ହେବ ତ ମୁଁ ମୋର ପ୍ରାକ୍ଟିକାଲ କ୍ଲାସ କରିବି।

ସଞ୍ଜୟ:  ଠିକ ଅଛି। ବନି ମଉସା ଏଇ ନିଅ ତମ ପଇସା।

ବକୁଳ:ଫାରୁକ ଆଲୋଚନା ପାଇଁ ତମକୁ ଧନ୍ୟବାଦ। ଆମେ ତ ଏଠିକୁ

ପ୍ରାୟ ଆସୁଛୁ। ଆଉ କେବେ ଦେଖା ହେବ।

(ଦୁହେଁ ଜୋର ଜୋର ଯାଉଛନ୍ତି)

ବକୁଲ:ଆଜି ତ ବହୁତ ଗରମ ଲାଗୁଛି।

ସଞ୍ଜୟ: ଦେଖ, ମୋ ରୁମାଲ ତ ଝାଳରେ ପୂରା ଭିଜି ଗଲାଣି।

ବକୁଲ:ଏ ସମୟରେ ତ ଏତେ ଗରମ ହେବା କଥା ନୁହେଁ।

ସଞ୍ଜୟ: ଠିକ କଥା। ରାତିରେ ତ ପୂରା ଜୋରରେ ପଙ୍ଖା ଚଳାଇବାକୁ ପଡୁଛି। ଜାଣିଛ ମୋ ଜେଜେମା କ'ଣ କହନ୍ତି?

ବକୁଲ:କ'ଣ?

ସଞ୍ଜୟ: କହନ୍ତି, ଆଗରୁ ଏତେ ଗରମ କେବେ ହେଉ ନ ଥିଲା। ବାହାଘର ପରେ ସେ ଯେତେବେଳେ ଏଠିକୁ ଆସିଲେ ସେତେବେଳେ କଟକରେ ପାଣିପାଗ ବହୁତ ବଢ଼ିଆ ଥିଲା।

ବକୁଲ:ଭଲ ସ୍ମୃତିଶକ୍ତି (ହସୁଛନ୍ତି)। ସେ ଠିକ କହୁଛନ୍ତି। ପାଣିପାଗ ବିଭାଗ ବି ସେଇଆ କହୁଛି ଯେ ଦିନକୁ ଦିନ ତାପମାତ୍ରା ବଢୁଛି।

ସଞ୍ଜୟ: ବକୁଲ, ଠିକ କଥା। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ଦିନକୁ ଦିନ ବଢ଼ିଚାଲିଛି। ବକୁଲ, ତମର ପ୍ରଫେସର ରଜତଙ୍କ କଥା ମନେଅଛି।

ବକୁଲ:ତାଙ୍କର କ'ଣ ହେଲା?

ସଞ୍ଜୟ: ଆରେ ତମେ ତ ଭୁଲିଯାଇଛ । ଛଅ ମାସ ଆଗରୁ ହୋଇଥିବା

ସମ୍ମିଳନୀ କଥା ମନେପକାଅ ତ।

ବକୁଲ:ଗୋଟିଏ ସିନେମା ଦେଖାଯାଇଥିଲା। କ'ଣ ତା ନାଁ ଥିଲା ? ହଁ ମନେପଡ଼ିଲା, ଆନ୍ ଇନ୍‌କନ୍‌ଭିନିଏଣ୍ଟ ଟ୍ରୁଥ୍ ଅର୍ଥାତ ଗୋଟିଏ କଠୋର ସତ୍ୟ।

ସଞ୍ଜୟ: ପ୍ରଫେସର ରଜତ ପରିବେଶରେ ହେଉଥିବା ପରିବର୍ତ୍ତନ କଥା କହିଥିଲେ।

ବକୁଲ:ତମେ ଠିକ କହୁଛ। ସେ ଡିସେମ୍ବର ମାସରେ ପୋଲାଣ୍ଡ ଯିବା କଥା କହୁଥିଲେ।

ସଞ୍ଜୟ: ଡିସେମ୍ବର ପ୍ରଥମ ସପ୍ତାହରେ। ସେ କହୁଥିଲେ ବିଶ୍ୱର ବିଭିନ୍ନ ପ୍ରତିନିଧି ମାନଙ୍କର ୨୪ ତମ ବୈଠକ ଆୟୋଜିତ ହେଉଛି।

ବକୁଲ:ଆଚ୍ଛା, ଚାଲ ତାଙ୍କୁ ଭେଟିବା। ଯଦି ପ୍ରାକ୍ଟିକାଲ୍ କ୍ଲାସ ନ ହେବ ତାହେଲେ ତାଙ୍କ ସହ କଥା ହେବା।

ସଞ୍ଜୟ: ଭଲ କଥା। କିନ୍ତୁ ଦେଖ, ଧାରଣା ତ ଏବେ ବି ଚାଲିଛି। ଆଚ୍ଛା ଗୋଟିଏ କାମ କରିବା।

ବକୁଲ:କ'ଣ?

ସଞ୍ଜୟ: କ୍ୟାଣ୍ଟିନ ପଛପଟେ ଗୋଟିଏ ଛୋଟ ଗେଟ ଅଛି। ସେଇ ବାଟରେ ଆମେ ଭିତରକୁ ଯିବା ଆଉ ଦେଖିବା ପ୍ରଫେସର ରଜତ କୋଉଠି ଅଛନ୍ତି।

ବକୁଲ:ଠିକ କଥା। ଚାଲ, ଏବେ ଆଉ ଡେରି କରିବାନାହିଁ।

ଦୃଶ୍ୟ ପରିବର୍ତ୍ତନ

ସଞ୍ଜୟ: ଭଲ ହେଲା, କେହି ଦେଖି ନାହାନ୍ତି। ଚାଲ ଦେଖିବା, ପ୍ରଫେସର ରଜତ ତାଙ୍କ ରୁମ୍‌ରେ ଅଛନ୍ତି କି ନାହିଁ।

ବକୁଳ:ସବୁ ଘର ତ ଖାଲି ପଡ଼ିଛି। ଆମ ପ୍ରଫେସର କୌଣସି ବୈଠକର ଥିବେ ନହେଲେ ଚାଲିଯାଇଥିବେ।

ସଞ୍ଜୟ: ଏଇ ତ ପ୍ରଫେସରଙ୍କ ରୁମ୍। ମତେ ତ ଖାଲି ଲାଗୁଛି।

ପ୍ରଫେସର: ଆରେ ଆସ ଆସ।

ବକୁଳ:ନମସ୍କାର ସାର୍।

ସଞ୍ଜୟ: ସାର୍ ଆମେ ଆପଣଙ୍କୁ ହିଁ ଖୋଜୁଥିଲୁ।

ପ୍ରଫେସର: ମତେ!! କାହିଁକି, କ'ଣ ଦରକାର? ତମର ସବୁ ସାଙ୍ଗ ତ ଗେଟ ପାଖରେ ଅଛନ୍ତି, ଆଉ ତମେ ପଛ ଗେଟ ବାଟେ ଲୁଚି ଲୁଚି ମତେ ଭେଟିବା ପାଇଁ ଆସିଛ (ହସୁଛନ୍ତି)

ସଞ୍ଜୟ: ନାଇଁ ସାର୍, ଏମିତି ନୁହେଁ। ଆପଣ ସମ୍ମିଳନୀରେ ଯେଉଁ ଭାଷଣ ଦେଇଥିଲେ ଆମକୁ ବହୁତ ପ୍ରଭାବିତ କରିଛି।

ପ୍ରଫେସର: କୋଉ ସମ୍ମିଳନୀ କଥା କହୁଛ? ପରିବେଶ ଉପରେ ଯେଉଁ ଆୟୋଜିତ ହୋଇଥିଲା।

ବକୁଳ:ଠିକ କହିଛନ୍ତି ସାର୍। ବହୁତ ଜ୍ଞାନବର୍ଦ୍ଧକ ଥିଲା । ଆପଣ କହୁଥିଲେ ଯେ ଆପଣ ପୋଲାଣ୍ଡ ଯାଉଛନ୍ତି।

ପ୍ରଫେସର: ହଁ ମୁଁ ସେଠିକି ଯାଇଥିଲି। ଏହାକୁ ସିଓପି୨୪ ବା ଦଳମାନଙ୍କର ସମ୍ମିଳନୀର ୨୪ତମ ବୈଠକ କୁହାଯାଏ।

ବକୁଲ:ସାର୍ ଆମେ ଜାଣିବାକୁ ଚାହୁଁଛୁ ସେଠି କ'ଣ ସବୁ ହେଲା? ପୃଥିବୀର ତାପମାତ୍ରା ବଢୁଛି। ଏହାକୁ ଅଟକାଇବା ପାଇଁ କି ପ୍ରକାର ପ୍ରଚେଷ୍ଟା କରାଯାଉଛି।

ପ୍ରଫେସର: ଆଚ୍ଛା ପୋଲାଣ୍ଡର ପ୍ରଗତି... ତମେ ଜାଣିଛ।

ବକୁଲ:ନାଇଁ ସାର୍ ଆମେ କିଛି ଜାଣିନୁ। ଦୟାକରି କିଛି କୁହନ୍ତୁ।

ପ୍ରଫେସର: ତମ ନାଁ କ'ଣ?

ସଞ୍ଜୟ: ସାର୍, ମୁଁ ସଞ୍ଜୟ ଆଉ ଏ ବକୁଲ, ଦ୍ୱିତୀୟ ବର୍ଷର ଛାତ୍ର।

ପ୍ରଫେସର: (ହସି ହସି) ବହୁତ ଭଲ କଥା... ଆଚ୍ଛା କୁହ ଏଭଳି ଅନ୍ତଃରାଷ୍ଟ୍ରୀୟ ବୈଠକରେ କ'ଣ ହେଉଥିବ?

ସଞ୍ଜୟ: ସାର୍ ଆମର କୌଣସି ଧାରଣା ନାହିଁ।

ବକୁଲ:କିଛି ଚୁକ୍ତିନାମାରେ ହସ୍ତାକ୍ଷର ହୋଇଥିବ।

ପ୍ରଫେସର: (ହସି ହସି) ପ୍ରତିବର୍ଷ କିଛି ଚୁକ୍ତିରେ ହସ୍ତାକ୍ଷର ହୋଇ ଯାଉଥିଲେ ସମସ୍ୟା ନ ଥାନ୍ତା। ପିଲାମାନେ, ଏ ଏତେ ସରଳ ନୁହେଁ। ଯଦି ହସ୍ତାକ୍ଷର ହୋଇ ବି ଯାଏ, ତାକୁ ଲାଗୁ କରିବା ଏତେ ସହଜ ନୁହେଁ।

ସଞ୍ଜୟ: ହଁ ସାର୍।

ପ୍ରଫେସର: କି ସମସ୍ୟା ହୋଇପାରେ ଏହାକୁ ବୁଝିବା ବି ସହଜ ନୁହେଁ।

ସବା ପ୍ରଥମେ ପରିବେଶ ଉପରେ ଯେଉଁ ବୁଝାମଣା ହୋଇଥିଲା ତାକୁ କ୍ୟୋଟୋ ପ୍ରୋଟୋକଲ ନାଁ ରେ ଜଣାଯାଏ।

ସଞ୍ଜୟ: ସାର୍ ଏହା ୧୯୯୭ ମସିହାର କଥା।

ପ୍ରଫେସର: ବହୁତ ବଢ଼ିଆ। ମନେହେଉଛି ଆଲୋଚନାକୁ ତମେ ବହୁତ ମନ ଦେଇ ଶୁଣୁଥିଲ।

ବକୁଲ:ସାର୍, ସଞ୍ଜୟ ତଥ୍ୟ ବହୁତ ଜଲ୍‌ଦି ମନେ ରଖିପାରେ।

ପ୍ରଫେସର: ଗୋଟିଏ ଭଲ ଗୁଣ। ଏଥର ଏହି ସମ୍ମିଳନୀ ପୋଲାଣ୍ଡରେ ଆୟୋଜନ କରାଯାଇଥିଲା। ୨୦୧୫ ମସିହାରେ ପ୍ୟାରିସରେ ହୋଇଥିବା ସମ୍ମିଳନୀରେ ଯେଉଁ ବୁଝାମଣା ହୋଇଥିଲା ସେଥିପାଇଁ ଏହି ସମ୍ମିଳନୀ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା।

ବକୁଲ:ଖବରକାଗଜରେ ମୁଁ ଏ ବିଷୟରେ ପଢ଼ିଥିଲି । କିନ୍ତୁ ମୁଁ ବୁଝିପାରିଲି ନାହିଁ ଯେ ପ୍ୟାରିସ ସମ୍ମିଳନୀ ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି?

ପ୍ରଫେସର: ମୁଁ ଭଲକରି ବୁଝେଇ ଦେଉଛି । କ୍ୟୋଟୋ ପ୍ରୋଟୋକଲରେ ଏହା ସ୍ପଷ୍ଟ କୁହାଯାଇଥିଲା ଯେ ବିକଶିତ ଦେଶମାନେ ୨୦୧୨ ମସିହା ଭିତରେ ତାଙ୍କ ଦେଶର ସବୁଜକୋଠରୀ ବାଷ୍ପର ସ୍ତର କେତେ କମ୍ କରିବା ତାହା ସ୍ଥିର କରିବେ। ଏହା ପରେ ନୂଆ ଚୁକ୍ତିର ଆବଶ୍ୟକତା ଥିଲା। ଏହାକୁ ସବୁ ଦେଶ ପ୍ୟାରିସ ଚୁକ୍ତିରେ ହସ୍ତାକ୍ଷର କରିଥିଲେ।

ସଞ୍ଜୟ: ଏଥିରେ କେଉଁ ଲକ୍ଷ୍ୟ ରଖାଯାଇଥିଲା?

ପ୍ରଫେସର: ଉଦ୍ଦେଶ୍ୟ ଥିଲା ଯେ ବଢୁଥିବା ତାପମାତ୍ରାର ସ୍ତର ୧.୫ ଡିଗ୍ରୀ

ଯାଏଁ ରଖାଯିବ। ଶିଳ୍ପ ବିପ୍ଳବ ଆଗରୁ ଏତିକି ଥିଲା। ଦ୍ୱିତୀୟରେ ଏଭଳି ବିଷୟ ପାଇଁ ଅର୍ଥର ବ୍ୟବସ୍ଥା କରିବା।

ବକୁଳ:ଏଥିପାଇଁ କ'ଣ ବିଶ୍ୱର ସବୁଦେଶ ଏକମତ ହୋଇଗଲେ। ମୁଁ ଶୁଣିଥିଲି ଯେ ଯୁକ୍ତରାଷ୍ଟ୍ର ଆମେରିକା ଏହାର ବିରୋଧ କରୁଛି।

ପ୍ରଫେସର: ତମେ ଠିକ ଶୁଣିଛ। ଆମେରିକା ଏହି ବୁଝାମଣାରେ ୨୦୧୬ ମସିହାରେ ସାମିଲ ହୋଇଥିଲା। କିନ୍ତୁ ୨୦୧୭ ମସିହା ଜୁଲାଇ ମାସରେ ଏଥିରୁ ବାହାରିଯିବାର ଘୋଷଣା କଲା। ଅବଶ୍ୟ ୨୦୨୦ ମସିହା ନଭେମ୍ବର ଯାଏଁ ସେ ଏହି ବୁଝାମଣାର ଜଣେ ସଦସ୍ୟ ହୋଇ ରହିବ। ତା ଆଗରୁ ସେ ଏହାକୁ ଛାଡ଼ିପାରିବ ନାହିଁ।

ସଞ୍ଜୟ: ଆଚ୍ଛା ତା ମାନେ ଏହି କାରଣରୁ ପ୍ୟାରିସ ବୁଝାମଣା ଏହି କାରଣରୁ ଲକ୍ଷ୍ୟରୁ ଦୂରେଇ ଯାଉଛି।

ପ୍ରଫେସର: ଏବେ କୌଣସି ନିଷ୍କର୍ଷରେ ପହଞ୍ଚିବା ଠିକ ହେବନାହିଁ। ଆମକୁ ଆଶାବାଦୀ ହେବାକୁ ହେବ। ଏହି ବୁଝାମଣା ଚୁକ୍ତି ୧୮୪ଟି ଦେଶ ଦ୍ୱାରା ପାରିତ ହୋଇଛି ଆଉ ୨୦୧୬ ମସିହା ନଭେମ୍ବର ମାସଠାରୁ ଏହା ଲାଗୁ ହୋଇଗଲାଣି। ଅନ୍ୟ କେତେକ ଦୃଷ୍ଟିରୁ ପ୍ୟାରିସ ସମ୍ମିଳନୀର କିଛି ଗୁରୁତ୍ୱ ରହିଛି।

ସଞ୍ଜୟ: ସେସବୁ କ'ଣ ସାର୍?

ପ୍ରଫେସର: ଅଠରଟି ଦେଶ ପ୍ରତିବର୍ଷ ଏକ ଲକ୍ଷ କୋଟି ଡଲାର ଦେବା ପାଇଁ କଥା ଦେଇଥିଲେ। ଏହି ଅର୍ଥକୁ ଗରିବ ଦେଶରେ ପରିବେଶ

ସୁଧୁରିବା କାମରେ ଲଗାଯିବ। ଏବେ ଯାଏଁ ୭ କୋଟି ଡଲାର ଏକାଠି କରାଯାଇ ସାରିଛି।

ସଞ୍ଜୟ: ସାର୍, ମୁଁ କିଛି ବୁଝିପାରିଲି ନାହିଁ। ଆଜି ସକାଳେ ହିଁ ଗୋଟିଏ ଫ୍ୟାକ୍ଟରୀରୁ ଆମୋନିଆ ବାଷ୍ପ ନିର୍ଗତ ହେଲା। ଅଧିକାଂଶ ଲୋକ ଚାହୁଁଛନ୍ତି ଯେ ଏଭଳି ଔଦ୍ୟୋଗିକ ଶିଳ୍ପ ବନ୍ଦ ହୋଇଯିବା ଦରକାର।

ବକୁଲ:ହଁ ସାର୍। କିନ୍ତୁ ଏଥିରେ କାମ କରୁଥିବା ଲୋକଙ୍କର କ'ଣ ହେବ?

ପ୍ରଫେସର: ମୁଁ ଏବେ ବି ତମ କଥାରେ ଏକମତ ନୁହେଁ।

ସଞ୍ଜୟ: ସବୁ ଦେଶ ଏହିଭଳି ପଦକ୍ଷେପ ନେବାର ଅର୍ଥ ହେଉଛି ଜୀବାଶ୍ମ ଇନ୍ଧନ ପ୍ରତି ନିୟନ୍ତ୍ରଣ ମାନେ ପୂରା ବନ୍ଦ। ଠିକ ସାର୍।

ପ୍ରଫେସର: ଠିକ କହିଛ। ଆଉ କ'ଣ କହୁଛ।

ବକୁଲ:ଯଦି ଏସବୁ କାରଖାନା ବନ୍ଦ କରିଦିଆ ଯିବ ତେବେ ସେଥିରେ କାମ କରୁଥିବା ଲୋକମାନେ କୁଆଡ଼େ ଯିବେ?

ପ୍ରଫେସର: ଠିକ କଥା ସଞ୍ଜୟ। ଏଇ ଗୋଟିଏ ପ୍ରଶ୍ନରେ ହିଁ ଅନେକ ପ୍ରଶ୍ନ ରହିଛି। ଦେଖ, ଏଭଳି ସମ୍ମିଳନୀରେ ଗୋଡ଼ ଟଣାଟଣି ବହୁତ ହୁଏ। ସବୁ ଦେଶ ଏଡ଼େଇ ଯିବା ପାଇଁ ଚାହାଁନ୍ତି। କିନ୍ତୁ ବୈଜ୍ଞାନିକ ଆଉ ଆମ ଭଳି ନିରୀକ୍ଷକମାନଙ୍କର କାମ ହେଉଛି ଏଥିରୁ ଆଗେଇ ଯିବା।

ବକୁଲ:ସାର୍, ଏଥର ଆପଣଙ୍କୁ କ'ଣ ଭଲ ଲାଗିଲା?

ପ୍ରଫେସର: ପୋଲାଣ୍ଡରେ ଯେଉଁ ଜାଗାରେ ବୈଠକ ହୋଇଥିଲା ତାହା ହେଉଛି କାଟୋୱିକ, ସେଇଟା କୋଇଲା ଖଣି ମଝିରେ ଥିଲା। ସମ୍ମିଳନୀ

ଆରମ୍ଭ ହେବାର କିଛି ଦିନ ଆଗରୁ ପୋଲାଣ୍ଡ ସେଠି ଗୋଟିଏ ନୂଆ କୋଇଲା ଖଣି ଖୋଲିବାର ଘୋଷଣା କରିଥିଲା।

ବକୁଳ:ସାର୍, ତାହେଲେ ତ ଆୟୋଜକ ନିଜେ ସମ୍ମିଳନୀର ମୌଳିକ ଉଦ୍ଦେଶ୍ୟର ଅପମାନ କଲା।

ପ୍ରଫେସର: ହଁ ତମମାନଙ୍କ କଥା ଠିକ। କିନ୍ତୁ ସେ ଉଠାଇଥିବା ମୌଳିକ ପ୍ରଶ୍ନ ଉପରେ ବି ଧ୍ୟାନ ଦେବା ଦରକାର।

ସଞ୍ଜୟ: କ'ଣ ସାର୍?

ପ୍ରଫେସର: ସେ ଦେଶର ଶତକଡ଼ା ୮୦ ଭାଗ ବିଦ୍ୟୁତ ଚାହିଦା କୋଇଲାରୁ ଆସିଥାଏ। ସେଥିପାଇଁ ଏଥିରୁ ମୁକ୍ତି ପାଇବା ବା କମ୍ କରିବା ଏତେ ସହଜ କଥା ନୁହେଁ। ସେଠି ଗୋଟିଏ ପେଣ୍ଡାଲ ଉପରେ କୋଇଲାରୁ ତିଆରି ହେଉଥିବା ସବୁ ଜିନିଷର ପ୍ରଦର୍ଶନୀ ଲଗା ଯାଇଥିଲା। ଏମିତିକି ସାବୁନ ଆଉ କାନଫୁଲ ବି (ହସୁଛନ୍ତି)

ବକୁଳ:ଆଶ୍ଚର୍ଯ୍ୟ!!

ସଞ୍ଜୟ: କିନ୍ତୁ ଏଠି ଶ୍ରମିକମାନଙ୍କର ପସନ୍ଦର କଥା କୋଉଠୁ ଉଠୁଛି।

ପ୍ରଫେସର: ଧୈର୍ଯ୍ୟ ଧର ପିଲାମାନେ। ପୋଲାଣ୍ଡର ରାଷ୍ଟ୍ରପତି ଏଇ ନୂଆ ପରିବର୍ତ୍ତନର କଥା କହିଥିଲେ।

ବକୁଳ:ଆଶ୍ଚର୍ଯ୍ୟ ଲାଗୁଛି ଶୁଣିବାକୁ। ନୂଆ ପରିବର୍ତ୍ତନ ଦିଗକୁ...

ପ୍ରଫେସର: ଗୋଟିଏ ନୂଆ ଯୋଜନା ଅନୁସାରେ, ଶ୍ରମିକମାନଙ୍କୁ ପ୍ରଶିକ୍ଷଣ ଦେଇ ନୂଆ ରୋଜଗାରର ବାଟ ଖୋଲିବା। ସ୍ୱଚ୍ଛ ପରିବେଶ ନାଁରେ

ଲୋକଙ୍କଠାରୁ ସେମାନଙ୍କର ଜୀବିକା ଛଡ଼େଇ ନେଇପାରିବ ନାହିଁ। ନହେଲେ ସମାଜ ଆଉ ଦେଶରେ ଅଶାନ୍ତି ବ୍ୟାପିଯିବ।

ସଞ୍ଜୟ: ମନେହେଉଛି, ପରିବେଶ ସୁରକ୍ଷା ଆଉ ଲୋକଙ୍କର ଜୀବିକା ଦୁଇଟି ଅଲଗା ବିଷୟ, କିନ୍ତୁ ଏହାକୁ ପୂରା ବି ଅଲଗା କରିହେବନାହିଁ।

ପ୍ରଫେସର: କିନ୍ତୁ ଏମିତି ବି ନୁହେଁ। ବିଶ୍ୱର ଅନେକ ଦେଶରେ ବହୁତ ଭଲ କାମ ହୋଇଛି। କୋଇଲାର ବ୍ୟବହାରକୁ କମ୍ କରାଯାଉଛି। ଅନ୍ୟପଟରେ ଅଣପାରମ୍ପରିକ ଶକ୍ତି ସ୍ରୋତର ବ୍ୟବହାର ବଢ଼ୁଛି।

ବକୁଲ:ମୁଁ ଆମେରିକାର ଗୋଟିଏ ଆଦିବାସୀ ଜନଜାତି ବିଷୟରେ ପଢିଥିଲି।

ସଞ୍ଜୟ: କ'ଣ?

ବକୁଲ:ସେମାନେ କୋଇଲା ଅଞ୍ଚଳକୁ କୌଣସି କମ୍ପାନୀକୁ ଲିଜ୍‌ରେ ଦେଇଛନ୍ତି। କିନ୍ତୁ ସର୍ତ୍ତ ରଖିଛନ୍ତି ଯେ ସ୍ଥାନୀୟ ଲୋକଙ୍କୁ କାମରେ ରଖାଯିବ। ଏବେ ସେ ଅଞ୍ଚଳ କିନ୍ତୁ ପ୍ରଦୂଷଣ ଦ୍ୱାରା ପ୍ରଭାବିତ। ଏହାର ପ୍ରଭାବ ଜନଜାତି ଉପରେ ବି ପଡ଼ୁଛି।

ପ୍ରଫେସର: ଠିକ କହିଛ। ସେଥିପାଇଁ ବେସରକାରୀ ସଂସ୍ଥା ଆଗେଇ ଆସୁଛନ୍ତି। ସେମାନଙ୍କ ପାଇଁ ନୂଆ ରୋଜଗାରର କ୍ଷେତ୍ର ପ୍ରସ୍ତୁତ କରାଯାଉଛି।

ସଞ୍ଜୟ: ସାର୍ ଏଭଳି କାମ ସବୁବେଳେ ପ୍ରଶଂସନୀୟ।

ପ୍ରଫେସର: ହଁ, କିନ୍ତୁ ଏବେ ତମେମାନେ ଯାଅ । ମତେ ଟିକିଏ ଏକଲା ଛାଡ଼ିଦିଅ।

ବକୁଲ:ସାର୍ ଆମେ କିଛି ଭୁଲ କରିଦେଇଛୁ କି?

ପ୍ରଫେସର: ନା ନା ସେମିତି ନୁହେଁ। କଥା ହେଉଛି ଏହି ସମ୍ମିଳନୀ ସମ୍ବନ୍ଧୀତ ଗୋଟିଏ ବହି ମୁଁ ସମ୍ପାଦନା କରୁଛି। ମତେ ଏହାର ଚୂଡ଼ାନ୍ତ ରୂପ ପ୍ରସ୍ତୁତ କରିବାକୁ ହେବ। ଆଉ କେବେ କଥା ହେବା। ତମମାନଙ୍କ ସହ କଥା ହୋଇ ଭଲ ଲାଗିଲା। ତମେ ଦୁହେଁ ବହୁତ କିଛି ଜାଣିଛ।

ସଞ୍ଜୟ/ବକୁଲ: ଧନ୍ୟବାଦ ସାର୍।

ପ୍ରଫେସର: ହଁ ଶୁଣ, ଯେମିତି ପଛବାଟେ ଆସିଥିଲ , ସେଇ ବାଟରେ ଚୁପଚାପ ଚାଲିଯାଅ। ସାମନାର ଲୋକମାନଙ୍କୁ ଦେଖା କରନାହିଁ।

(ସମସ୍ତେ ହସୁଛନ୍ତି।